# ମିଥିଆନ ସିଦ୍ଦିକ

## ବନାମ

## ମହମ୍ମଦ କୁଞ୍ଜୁ ପରୀଥ କୁଟ୍ଟୀ ଏବଂ ଅନ୍ୟମାନେ

## ଜାନୁଆରୀ 2, 1996

## [କେ. ରାମାସ୍ୱାମୀ ଏବଂ ଜି.ବି. ପଟ୍ଟନାୟକ, ନ୍ୟାୟମୂର୍ତ୍ତିଦ୍ୱୟ]

*ମହମ୍ମଦୀୟ ଆଇନ:*

*ମୁସଲମାନ ନାବାଳକର ସମ୍ପତ୍ତିର ଆଇନଗତ ଅଭିଭାବକ — ପିତାଙ୍କ ମୃତ୍ୟୁ ପରେ କୌଣସି ସମ୍ପତ୍ତି ଅଭିଭାବକ ନିଯୁକ୍ତ ହୋଇନାହାନ୍ତି - ତେଣୁ ନାବାଳକର ସମ୍ପତ୍ତିର ହସ୍ତାନ୍ତର ପାଇଁ ମାଆ ଅଭିଭାବକ ନୁହଁନ୍ତି - ତେଣୁ ମାଆଙ୍କ ଦ୍ୱାରା କରାଯାଇଥିବା ବିକ୍ରୟ ଅସିଦ୍ଧ ଅଟେ ।*

*ଇମାମବନ୍ଦୀ ବନାମ ମୁସଦ୍ଦି,* **(1918) 45 I.A. 73 ଏବଂ** *ଭେଙ୍କମା ନାଇଡୁ ବନାମ ଏସ୍.ଭି. ଚିସ୍ତୀ,* **AIR (1951) Mad. 399, ମାମଲାଦ୍ୱୟକୁ ଉଲ୍ଲେଖ କରାଯାଇଛି ।**

ଦେୱାନୀ ଅପିଲୀୟ କ୍ଷେତ୍ରାଧିକାରିତା: ଦେୱାନୀ ଅପିଲ ସଂଖ୍ୟା 1663/1996 ।

ଦ୍ୱିତୀୟ ଅପିଲ ସଂଖ୍ୟା 296/1982 ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କ 8.9.86 ତାରିଖର ରାୟ ଏବଂ ଆଦେଶରୁ ଅପିଲ ।

ଅପିଲକାରୀଙ୍କ ତରଫରୁ ଇ.ଏମ୍.ଏସ୍. ଅନାମ୍ ।

ଉତ୍ତରଦାତାମାନଙ୍କ ତରଫରୁ ଏନ୍. ସୁଧାକରନ୍ ।

ନ୍ୟାୟାଳୟଙ୍କ ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା:

ମଞ୍ଜୁରୀ ପ୍ରଦାନ କରାଗଲା ।

ଉଭୟ ପକ୍ଷଙ୍କ ଅଧିବକ୍ତାଙ୍କ ଯୁକ୍ତି ଶୁଣାଗଲା । ମାମଲାର ତଥ୍ୟଗୁଡ଼ିକ ଅବିବାଦିତ ।

ଦ୍ୱିତୀୟ ଅପିଲ ସଂଖ୍ୟା 296/1982 ରେ କେରଳ ଉଚ୍ଚ ନ୍ୟାୟାଳୟଙ୍କ ସେପ୍ଟେମ୍ବର 9, 1986 ରେ ପାରିତ ରାୟ ଏବଂ ଡିକ୍ରିରୁ ବିଶେଷ ଅନୁମତି ଦ୍ୱାରା ଏହି ଅପିଲ ଉତ୍ପନ୍ନ ହୋଇଛି । ସ୍ୱୀକାରଯୋଗ୍ୟ, ଅପିଲକାରୀ ଉକ୍ତ ସମ୍ପତ୍ତିର ଜଣେ କ୍ରେତା ଯିଏକି ପ୍ରଥମ ପ୍ରତିପକ୍ଷଙ୍କଠାରୁ ଏହା କିଣିଥିଲେ । ସେହି ସମୟରେ ପ୍ରତିପକ୍ଷ ଜଣେ ନାବାଳକ ଥିଲେ ଏବଂ ତାଙ୍କ ମାଆଙ୍କ ଜରିଆରେ

ଅଭିଭାବକ ଭାବେ ସମ୍ପତ୍ତି ବିକ୍ରୟ କରାଯାଇଥିଲା । ଏହି ମାମଲାରେ ଉଠାଯାଇଥିବା ପ୍ରଶ୍ନଟି ହେଉଛି—ଉକ୍ତ ବିକ୍ରୟ ବୈଧ କି ନୁହେଁ ଏବଂ ଅପିଲକାରୀ ଏହା ଉପରେ ନିଜର ମାଲିକାନା ସ୍ୱତ୍ତ୍ୱାଧିକାର ସାବ୍ୟସ୍ତ କରିଛନ୍ତି କି ନାହିଁ । ସ୍ୱୀକାରଯୋଗ୍ୟ, 1949 ମସିହାରେ ଏହି ବିକ୍ରୟ କାର୍ଯ୍ୟ ସମ୍ପାଦିତ ହୋଇଥିଲା । ବିଚାର ବିଭାଗୀୟ ଅଦାଲତ ଏବଂ ଅପିଲୀୟ ଅଦାଲତ ପ୍ରତିପକ୍ଷଙ୍କ ଅଧିକାରକୁ କାଏମ ରଖିଥିଲେ, କିନ୍ତୁ ଉଚ୍ଚ ନ୍ୟାୟାଳୟ ଏହି ନିଷ୍ପତ୍ତିକୁ ଓଲଟାଇ ଦେଇଥିଲେ । ଉଚ୍ଚ ନ୍ୟାୟାଳୟ ଦର୍ଶାଇଥିଲେ ଯେ, ଜଣେ ଅଭିଭାବକ ଭାବରେ ମାଆଙ୍କ ଦ୍ୱାରା କରାଯାଇଥିବା ବିକ୍ରୟ ଆଇନ ଅନୁସାରେ ଅସିଦ୍ଧ ହୋଇଥିବାରୁ ଅପିଲକାରୀ ବୈଧ ମାଲିକାନା ସ୍ୱତ୍ତ୍ୱାଧିକାର ପାଇପାରିବେ ନାହିଁ । ପକ୍ଷମାନେ ସମ୍ପତ୍ତିର ସହ-ମାଲିକ ଅଟନ୍ତି । ଜଣେ ସହ-ମାଲିକ ଅନ୍ୟ ଜଣେ ସହ-ମାଲିକଙ୍କ ବିରୁଦ୍ଧରେ ଚିରଭୋଗୀ ଅଧିକାର ଦାବି କରିପାରିବେ ନାହିଁ । ଏବଂ ଏହି ତଥ୍ୟକୁ ଦୃଷ୍ଟିରେ ରଖି ଯେ, ଅପିଲକାରୀ ପ୍ରତିକୂଳ ଦଖଲର ଯୁକ୍ତି କିମ୍ବା ବିକ୍ରୟ ଦଲିଲ ଅନ୍ତର୍ଗତ ଅଧିକାରକୁ ଅସ୍ୱୀକାର କରିବା ଏବଂ ସେଥିରେ ପ୍ରତିପକ୍ଷ ସମ୍ମତି ଜଣାଇବା ଭଳି କୌଣସି ଯୁକ୍ତି ଉପସ୍ଥାପନ କରିନାହାଁନ୍ତି, ତେଣୁ ପ୍ରତିକୂଳ ଦଖଲର ଯୁକ୍ତି ଆଇନତଃ ଗ୍ରହଣଯୋଗ୍ୟ ନୁହେଁ । ଉଚ୍ଚ ନ୍ୟାୟାଳୟ ପ୍ରତିପକ୍ଷଙ୍କ ସପକ୍ଷରେ ଡିକ୍ରି ପାରିତ କରିଥିଲେ । ତେଣୁ, ଏହି ବିଶେଷ ଅନୁମତି ଆବେଦନ ଦାୟର କରାଯାଇଛି ।

ଅପିଲକାରୀଙ୍କ ବିଜ୍ଞ ଅଧିବକ୍ତା ଶ୍ରୀ ଅନାମ୍ ଯୁକ୍ତି ଦର୍ଶାଇଛନ୍ତି ଯେ, ଯେହେତୁ ପିତା ମହମ୍ମଦ କୁଞ୍ଜୁଙ୍କର ମୃତ୍ୟୁ ହୋଇସାରିଛି, ତେଣୁ ମାଆ ହିଁ ସ୍ୱାଭାବିକ ଅଭିଭାବକ ଅଟନ୍ତି ଏବଂ ପ୍ରତିପକ୍ଷଙ୍କ ଅଭିଭାବକ ଭାବେ ତାଙ୍କ ଦ୍ୱାରା କରାଯାଇଥିବା ବିକ୍ରୟ ଅସିଦ୍ଧ ନୁହେଁ । ଆମେ ଏହି ଯୁକ୍ତିରେ କୌଣସି ଦୃଢତା ଥିବା ଅନୁଭବ କରୁନାହୁଁ ।

ଏହି ନ୍ୟାୟାଳୟର ପୂର୍ବତନ ପ୍ରଧାନ ନ୍ୟାୟାଧୀଶ ଜଷ୍ଟିସ୍ ଏମ୍. ହିଦାୟତୁଲ୍ଲା ଏବଂ ଅର୍ଶଦ ହିଦାୟତୁଲ୍ଲାଙ୍କ ଦ୍ୱାରା ଲିଖିତ ମୁଲ୍ଲାଙ୍କ "ମହମ୍ମଦୀୟ ଆଇନର ନୀତି" [ଉନବିଂଶ ସଂସ୍କରଣ] ର ଧାରା 359 ରେ ଜଣେ ମୁସଲିମ ନାବାଳକର ସମ୍ପତ୍ତିର ଆଇନଗତ ଅଭିଭାବକମାନଙ୍କ ବିଷୟରେ ବର୍ଣ୍ଣନା କରାଯାଇଛି । ସେହି କ୍ରମ ଅନୁସାରେ, କେବଳ ପିତା, ପିତାଙ୍କ ଇଚ୍ଛାପତ୍ର ଦ୍ୱାରା ନିଯୁକ୍ତ ନିଷ୍ପାଦକ, ପିତାଙ୍କ ପିତା (ଜେଜେବାପା) ଏବଂ ଜେଜେବାପାଙ୍କ ଇଚ୍ଛାପତ୍ର ଦ୍ୱାରା ନିଯୁକ୍ତ ନିର୍ବାହକ ହିଁ ସମ୍ପତ୍ତିର ଆଇନଗତ ଅଭିଭାବକ ଅଟନ୍ତି । ଅଧିକାରଗତ ଭାବେ ଅନ୍ୟ କୌଣସି ସମ୍ପର୍କୀୟ ଜଣେ ନାବାଳକର ସମ୍ପତ୍ତିର ଅଭିଭାବକ ହେବାକୁ ହକଦାର ନୁହଁନ୍ତି; ଏପରିକି ମାଆ, ଭାଇ କିମ୍ବା କକା/ମାମୁଁ ମଧ୍ୟ ନୁହଁନ୍ତି । କିନ୍ତୁ ନାବାଳକର ପିତା କିମ୍ବା ପୈତୃକ ପିତାମହ (ଜେଜେବାପା) ନିଜ ଇଚ୍ଛାପତ୍ରରେ ମାଆ, ଭାଇ କିମ୍ବା କକା/ମାମୁଁ କିମ୍ବା ଅନ୍ୟ କୌଣସି ବ୍ୟକ୍ତିଙ୍କୁ ନିଜର ନିଷ୍ପାଦକ ଭାବେ

ନିଯୁକ୍ତ କରିପାରିବେ, ଯେଉଁ ସ୍ଥିତିରେ ସେମାନେ ଆଇନଗତ ଅଭିଭାବକ ହେବେ ଏବଂ ଉପରୋକ୍ତ ନୀତିଗୁଡ଼ିକର ଧାରା 362 ଏବଂ 366 ରେ ବ୍ୟାଖ୍ୟା କରାଯାଇଥିବା ଆଇନଗତ ଅଭିଭାବକଙ୍କ ସମସ୍ତ କ୍ଷମତା ପାଇବେ । ନ୍ୟାୟାଳୟ ମଧ୍ୟ ସେମାନଙ୍କ ମଧ୍ୟରୁ ଯେକୌଣସି ବ୍ୟକ୍ତିଙ୍କୁ ନାବାଳକର ସମ୍ପତ୍ତିର ଅଭିଭାବକ ଭାବେ ନିଯୁକ୍ତ କରିପାରିବେ, ଯେଉଁ ସ୍ଥିତିରେ ସେମାନେ ଧାରା 363 ରୁ 367 ମଧ୍ୟରେ ଉଲ୍ଲେଖ କରାଯାଇଥିବା ଅନୁସାରେ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ ଅଭିଭାବକଙ୍କ ସମସ୍ତ କ୍ଷମତା ପାଇବେ ।

ଧାରା 360 ରେ ଉଲ୍ଲେଖ କରାଯାଇଛି ଯେ, ଯଦି ଧାରା 359 ରେ ବର୍ଣ୍ଣିତ ଆଇନଗତ ଅଭିଭାବକମାନେ ନଥାନ୍ତି, ତେବେ ନାବାଳକର ସମ୍ପତ୍ତିର ସୁରକ୍ଷା ଏବଂ ରକ୍ଷଣାବେକ୍ଷଣ ପାଇଁ ଅଭିଭାବକ ନିଯୁକ୍ତ କରିବାର ଦାୟିତ୍ୱ ରାଜ୍ୟର ପ୍ରତିନିଧି ଭାବେ ବିଚାରପତିଙ୍କ ଉପରେ ନ୍ୟସ୍ତ ହୁଏ । ନ୍ୟାୟାଳୟ ନାବାଳକର ସମ୍ପତ୍ତି ପାଇଁ ଅନ୍ୟ କୌଣସି ବ୍ୟକ୍ତିଙ୍କୁ ଅଭିଭାବକ ଭାବେ ନିଯୁକ୍ତ କରିପାରନ୍ତି । ଏପରି କରିବା ସମୟରେ, ନ୍ୟାୟାଳୟ ନାବାଳକର ମଙ୍ଗଳ ପାଇଁ ଉଦ୍ଦିଷ୍ଟ ସମସ୍ତ ପରିସ୍ଥିତି ଏବଂ କ୍ଷମତା ଦ୍ୱାରା ପରିଚାଳିତ ହେବା ଉଚିତ୍ । ନ୍ୟାୟାଳୟ ନାବାଳକ ପୁତ୍ରର ସମ୍ପତ୍ତି ପାଇଁ ତାଙ୍କ ପୈତୃକ କକା/ମାମୁଁଙ୍କ ଅପେକ୍ଷା ମାଆଙ୍କୁ ଅଭିଭାବକ ଭାବେ ଅଧିକ ପ୍ରାଧାନ୍ୟ ଦେଇ ନିଯୁକ୍ତ କରିପାରନ୍ତି । ମାଆ ଜଣେ ପର୍ଦାନାଶିନ୍ ମହିଳା ହୋଇଥିବା ତଥ୍ୟ ତାଙ୍କ ନିଯୁକ୍ତି କ୍ଷେତ୍ରରେ କୌଣସି ପ୍ରତିବନ୍ଧକ ସାଜିବ ନାହିଁ । ଧାରା 362 ଅନୁସାରେ, ନାବାଳକର ସମ୍ପତ୍ତିର ଆଇନଗତ ଅଭିଭାବକଙ୍କର ନାବାଳକର ସ୍ଥାବର ସମ୍ପତ୍ତି ବିକ୍ରୟ କରିବାର କୌଣସି କ୍ଷମତା ନାହିଁ, କେବଳ ନିମ୍ନଲିଖିତ କେତେକ ବିଶେଷ ପରିସ୍ଥିତିକୁ ଛାଡ଼ି: (1) ଯେଉଁଠାରେ ସେ ସମ୍ପତ୍ତିର ମୂଲ୍ୟର ଦୁଇଗୁଣ ପାଇପାରିବେ; (2) ଯେଉଁଠାରେ ନାବାଳକର ଅନ୍ୟ କୌଣସି ସମ୍ପତ୍ତି ନାହିଁ ଏବଂ ତାଙ୍କର ଭରଣପୋଷଣ ପାଇଁ ବିକ୍ରୟ ଆବଶ୍ୟକ; (3) ଯେଉଁଠାରେ ମୃତ ବ୍ୟକ୍ତିଙ୍କର ଋଣ ଥାଏ ଏବଂ ତାହା ପରିଶୋଧ କରିବା ପାଇଁ ଅନ୍ୟ କୌଣସି ଉପାୟ ନଥାଏ; (4) ଯେଉଁଠାରେ ଉତ୍ତରାଧିକାର ପ୍ରାପ୍ୟ ପଇଠ କରିବାକୁ ଥାଏ ଏବଂ ତାହା ପରିଶୋଧ କରିବା ପାଇଁ ଅନ୍ୟ କୌଣସି ମାର୍ଗ ନଥାଏ; (5) ଯେଉଁଠାରେ ସମ୍ପତ୍ତିର ଆୟ ଅପେକ୍ଷା ଖର୍ଚ୍ଚ ଅଧିକ ହୋଇଥାଏ; (6) ଯେଉଁଠାରେ ସମ୍ପତ୍ତିଟି ନଷ୍ଟ ହେବାକୁ ଯାଉଥାଏ; (7) ଯେତେବେଳେ ସମ୍ପତ୍ତିଟି ଅନ୍ୟ ଦ୍ୱାରା ଜବରଦଖଲ ହୋଇଥାଏ ଏବଂ ଅଭିଭାବକଙ୍କର ଭୟ କରିବାର କାରଣ ଥାଏ ଯେ ଉଚିତ୍ ପୁନରୁଦ୍ଧାରର କୌଣସି ସୁଯୋଗ ନାହିଁ ।

*ଇମାମବନ୍ଦୀ ବନାମ ମୁସଦ୍ଦି,* (1918) 45 I.A. 73 ମାମଲାରେ ନ୍ୟାୟିକ କମିଟି ସେହି ଆଧାର ଏବଂ ପରିସ୍ଥିତିଗୁଡ଼ିକର ପରିକଳ୍ପନା କରିଛନ୍ତି, ଯେଉଁଥିରେ ଜଣେ ଆଇନଗତ ଅଭିଭାବକଙ୍କ ଦ୍ୱାରା ନାବାଳକର ସମ୍ପତ୍ତି ହସ୍ତାନ୍ତର କରାଯାଇପାରିବ ।

ତ୍ୟାବଜୀ ମଧ୍ୟ ନିଜର ପୁସ୍ତକ "ମହମ୍ମଦୀୟ ଆଇନର ନୀତି" ର ଧାରା 261 ରେ ଉଲ୍ଲେଖ କରିଛନ୍ତି ଯେ, ନ୍ୟାୟାଳୟଙ୍କ ଅନୁମତି ବିନା ମାଆ, ଭାଇ କିମ୍ବା କକା/ମାମୁଁ କେହି ବି ଜଣେ ନାବାଳକର ସମ୍ପତ୍ତି ସମ୍ବନ୍ଧରେ କୌଣସି କାରବାର କରିପାରିବେ ନାହିଁ । ଆସଫ ଏ.ଏ. ଫୈଜୀ ମଧ୍ୟ ଧାରା 34 ରେ ସମାନ ନୀତିଗୁଡ଼ିକର ପୁନରାବୃତ୍ତି କରିଛନ୍ତି । *ଭେଙ୍କମା ନାଇଡୁ ବନାମ ଏସ୍.ଭି. ଚିସ୍ତୀ,* AIR (1951) Mad. 399 ମାମଲାରେ, ମାଡ୍ରାସ ଉଚ୍ଚ ନ୍ୟାୟାଳୟ ସ୍ପଷ୍ଟ ଭାବେ ଦର୍ଶାଇଥିଲେ ଯେ, ପିତାଙ୍କ ମୃତ୍ୟୁ ପରେ ନାବାଳକର ଅଭିଭାବକ ଭାବରେ ମାଆଙ୍କର କୌଣସି ବିକ୍ରୟ ଦଲିଲ ସମ୍ପାଦନ କରିବାର କ୍ଷମତା ନାହିଁ । ତେଣୁ, ମାଆଙ୍କ ଦ୍ୱାରା ସମ୍ପାଦିତ ବିକ୍ରୟ ଦଲିଲକୁ ମହମ୍ମଦାନ ଆଇନ ଅନୁସାରେ ଅସିଦ୍ଧ ଏବଂ ଅପ୍ରଭାବୀ ବୋଲି ଘୋଷଣା କରାଯାଇଥିଲା ।

ସୟଦ ଅମୀର ଅଲ୍ଲୀଙ୍କ ଦ୍ୱାରା ଲିଖିତ ମହମ୍ମଦୀୟ ଆଇନ (ଖଣ୍ଡ 2) ର ପୃଷ୍ଠା ସଂଖ୍ୟା 500 ରେ ମଧ୍ୟ ଉଲ୍ଲେଖ କରାଯାଇଛି ଯେ, ଯଦି ମାଆଙ୍କୁ ପିତାଙ୍କ ଦ୍ୱାରା ତାଙ୍କ ନାବାଳକ ସନ୍ତାନମାନଙ୍କ ସମ୍ପତ୍ତିର ଅଭିଭାବକ ଭାବେ ନିଯୁକ୍ତ କରାଯାଇ ନଥାଏ କିମ୍ବା ବିଚାରପତିଙ୍କ ଦ୍ୱାରା ସେପରି ନିଯୁକ୍ତି ମିଳିନଥାଏ, ତେବେ ତାଙ୍କର ସେମାନଙ୍କ ସ୍ଥାବର ସମ୍ପତ୍ତିରେ ହସ୍ତକ୍ଷେପ କରିବାର କୌଣସି କ୍ଷମତା ନାହିଁ । ସମ୍ପତ୍ତି ସହିତ ତାଙ୍କର ସମସ୍ତ କାରବାର *ସ୍ୱତଃ* ଅସିଦ୍ଧ ଅଟେ । ଯଦି ନାବାଳକ ପାଖରେ ସମ୍ପତ୍ତି ବ୍ୟତୀତ ଭରଣପୋଷଣର ଅନ୍ୟ କୌଣସି ମାଧ୍ୟମ ନଥାଏ, ତେବେ ସମ୍ପତ୍ତିର କାରବାର କରିବା ପାଇଁ ସେ (ମାଆ) ନିଶ୍ଚିତ ଭାବେ ନ୍ୟାୟାଳୟଙ୍କ ଅନୁମତି ପାଇଁ ଆବେଦନ କରିବା ଉଚିତ୍ ।

ପିତା ହେଉଛନ୍ତି ସ୍ୱାଭାବିକ ଅଭିଭାବକ ଏବଂ ତାଙ୍କ ଅନୁପସ୍ଥିତିରେ ଅନ୍ୟ ଆଇନଗତ ଅଭିଭାବକମାନେ କାର୍ଯ୍ୟ କରିବାକୁ ହକଦାର ହେବେ । ସେମାନଙ୍କ ଅନୁପସ୍ଥିତିରେ, ସକ୍ଷମ ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ ସମ୍ପତ୍ତି ଅଭିଭାବକ, ନ୍ୟାୟାଳୟଙ୍କ ଅନୁମତି କ୍ରମେ ନାବାଳକର ସମ୍ପତ୍ତି ହସ୍ତାନ୍ତର କରିବାକୁ ସକ୍ଷମ ହେବେ । ଯେତେବେଳେ ନାବାଳକଙ୍କ ପକ୍ଷରୁ କୌଣସି ବିକ୍ରୟ କରାଯାଏ, ସେଥିପାଇଁ ଆବଶ୍ୟକୀୟ ଉପାଦାନଗୁଡ଼ିକ ହେଉଛି—ଉକ୍ତ ବିକ୍ରୟ ନିଶ୍ଚିତ ଭାବେ ନାବାଳକର ସମ୍ପତ୍ତିର ହିତ ବା ମଙ୍ଗଳ ପାଇଁ ହୋଇଥିବା ଆବଶ୍ୟକ; ଏବଂ ତେଣୁ, ନାବାଳକର ସମ୍ପତ୍ତି ହସ୍ତାନ୍ତର କରିବାକୁ ହକଦାର ସକ୍ଷମ ବ୍ୟକ୍ତି ହେଉଛନ୍ତି (ଉପରୋକ୍ତ ସର୍ତ୍ତ ଅଧୀନରେ) ହୁଏତ ସ୍ୱାଭାବିକ ଅଭିଭାବକ କିମ୍ବା ନ୍ୟାୟାଳୟଙ୍କ ଦ୍ୱାରା ନିଯୁକ୍ତ ସମ୍ପତ୍ତି ଅଭିଭାବକ । ଏହି ମାମଲାରେ,

ପିତାଙ୍କ ମୃତ୍ୟୁ ପରେ କୌଣସି ସମ୍ପତ୍ତି ଅଭିଭାବକ ନିଯୁକ୍ତ ହୋଇନଥିଲେ । ତେଣୁ, ମାଆ ନାବାଳକର ସମ୍ପତ୍ତି ହସ୍ତାନ୍ତର ପାଇଁ ଅଭିଭାବକ ନୁହଁନ୍ତି । ସୁତରାଂ, ମାଆଙ୍କ ଦ୍ୱାରା କରାଯାଇଥିବା ବିକ୍ରୟ ଅସିଦ୍ଧ ଅଟେ ।

ତେବେ ବର୍ତ୍ତମାନ ପ୍ରଶ୍ନ ହେଉଛି: ଅପିଲକାରୀ ପ୍ରତିକୂଳ ଦଖଲ ଦ୍ୱାରା ନିଜର ମାଲିକାନା ସ୍ୱତ୍ୱାଧିକାର ସାବ୍ୟସ୍ତ କରିଛନ୍ତି କି ନାହିଁ । ଉଚ୍ଚ ନ୍ୟାୟାଳୟ ନିଜ ରାୟରେ ଦର୍ଶାଇଛନ୍ତି ଯେ:

> "ଏହା ମଧ୍ୟ ସତ୍ୟ ଯେ ବିଚାର ବିଭାଗୀୟ ଅଦାଲତ ଏବଂ ଅପିଲୀୟ ଅଦାଲତ ଏହା ପାଇଛନ୍ତି ଯେ ପ୍ରଦର୍ଶନୀ B1 କିମ୍ବା A1 ତାରିଖ ପରେ ମଧ୍ୟ 10.10.1949 ରେ ବାଦୀ କିମ୍ବା ପ୍ରଥମ ଏବଂ ଦ୍ୱିତୀୟ ପ୍ରତିପକ୍ଷ ଦଖଲରେ ନଥିଲେ । 10.10.1949 ଠାରୁ ତୃତୀୟ ପ୍ରତିପକ୍ଷଙ୍କ ଏକାକୀ ଦଖଲ କିମ୍ବା ବାଦୀଙ୍କ ଦ୍ୱାରା ଆୟର ଅଂଶ ଗ୍ରହଣ ନ କରିବା, ସହ-ମାଲିକମାନଙ୍କ ମଧ୍ୟରେ ନିଜେ ନିଜେ ପ୍ରତିକୂଳ ଦଖଲ ବୋଲି ଗଣ୍ୟ ହୋଇନପାରେ । ସେହିପରି, କେବଳ ଏହି ତଥ୍ୟ ଯେ ତୃତୀୟ ପ୍ରତିପକ୍ଷ, ଯିଏକି ଏକାକୀ ଦଖଲରେ ଥିଲେ, ଦଲିଲ ସମ୍ପାଦନ କରିଥିଲେ ଏବଂ ହସ୍ତାନ୍ତରଗ୍ରହୀତାଙ୍କୁ ସମ୍ପତ୍ତିର ଦଖଲ ଦେଇଥିଲେ, ତାହା ମଧ୍ୟ ବେଦଖଲ କିମ୍ବା ପ୍ରତିକୂଳ ଦଖଲ ପ୍ରମାଣିତ କରିବ ନାହିଁ । ଅବଶ୍ୟ, ସେହି ଦଲିଲଗୁଡ଼ିକ କେବଳ ପଞ୍ଜିକୃତ ହୋଇଥିବା କାରଣରୁ ବାଦୀଙ୍କର ସେଗୁଡ଼ିକ ଉପରେ ଜ୍ଞାନ ଅଛି ବୋଲି କୁହାଯାଇପାରିବ ନାହିଁ । ଦଲିଲର ପଞ୍ଜିକରଣ ନିଜେ ନିଜେ ବାଦୀଙ୍କ ପାଇଁ ଏକ ସୂଚନା ଭାବେ କାର୍ଯ୍ୟ କରିପାରିବ ନାହିଁ ଯେ ତୃତୀୟ ପ୍ରତିପକ୍ଷ ତାଙ୍କ ବିରୁଦ୍ଧରେ ପ୍ରତିକୂଳ ଦଖଲ ରଖିଥିଲେ ଏବଂ ଏହାକୁ ପୂର୍ଣ୍ଣ ମାଲିକ ଭାବେ କାରବାର କରୁଥିଲେ । ବେଦଖଲର ଜ୍ଞାନ ଏବଂ ଆବଶ୍ୟକୀୟ ଉଦ୍ଦେଶ୍ୟ ସହିତ ଏକାକୀ ଦଖଲ ଭଳି ତଥ୍ୟଗୁଡ଼ିକୁ ଓ.ଏସ୍. ସଂଖ୍ୟା 208/78 ମାମଲାରେ ତୃତୀୟ ଏବଂ ଚତୁର୍ଥ ପ୍ରତିପକ୍ଷଙ୍କ ଦ୍ୱାରା ଉପସ୍ଥାପନ ଏବଂ ପ୍ରମାଣିତ କରାଯିବା ଉଚିତ୍ ଯେଉଁମାନେ ପ୍ରତିକୂଳ ଦଖଲର ଯୁକ୍ତି କରିଥିଲେ । ଏଠାରେ ସେପରି କୌଣସି ଯୁକ୍ତି ନାହିଁ ଏବଂ ସେପରି କୌଣସି ପ୍ରମାଣ ମଧ୍ୟ ନାହିଁ । ନିମ୍ନ ଅଦାଲତଗୁଡ଼ିକର ରାୟରୁ ମଧ୍ୟ ଏପରି କୌଣସି ଯୁକ୍ତି କିମ୍ବା ପ୍ରମାଣ ସ୍ପଷ୍ଟ ହେଉନାହିଁ । ପ୍ରତିକୂଳ ଦଖଲ ଗଠନ କରିବା ପାଇଁ, ଦଖଲ ବାହାରେ ଥିବା ଅନ୍ୟ ସହ-ମାଲିକମାନେ ପ୍ରତିକୂଳ ମାଲିକାନା ସ୍ୱତ୍ୱର ଦୃଢ କଥନ ଏବଂ ଆବଶ୍ୟକୀୟ ଉଦ୍ଦେଶ୍ୟ ସହିତ ସେମାନଙ୍କୁ ବେଦଖଲ କରାଯିବାର ସୂଚନା ବୈଧାନିକ ସମୟସୀମା ପର୍ଯ୍ୟନ୍ତ ପାଇଥିବା ପ୍ରମାଣିତ ହେବା ଆବଶ୍ୟକ । ଏହା ନିଶ୍ଚିତ ଭାବେ ଯୁକ୍ତିରେ ଉଲ୍ଲେଖ କରାଯିବା ଏବଂ ପ୍ରମାଣିତ ହେବା ଉଚିତ୍ । ଏଠାରେ ସେପରି କୌଣସି ଯୁକ୍ତି ବା ପ୍ରମାଣ ନାହିଁ ଏବଂ ନିମ୍ନ

ଅଦାଲତଗୁଡ଼ିକର ରାୟରୁ ମଧ୍ୟ ଏପରି କିଛି ମିଳିପାରିବ ନାହିଁ । ପୂର୍ବରୁ କୁହାଯାଇଥିବା ଅନୁସାରେ, ତୃତୀୟ ପ୍ରତିପକ୍ଷଙ୍କ ବିଶେଷ ସ୍ଥିତି, ପାରିବାରିକ ସମ୍ପର୍କ, ପ୍ରଥମ ଏବଂ ଦ୍ୱିତୀୟ ପ୍ରତିପକ୍ଷଙ୍କ ନିର୍ଭରଶୀଳତା ଓ ନିରକ୍ଷରତା ଏବଂ ବାଦୀଙ୍କ ନାବାଳକତ୍ୱ - ଏହି ସମସ୍ତ କାରକ ବାଦୀଙ୍କ ପାଖରେ ତୃତୀୟ ପ୍ରତିପକ୍ଷଙ୍କ ଉଦ୍ଦେଶ୍ୟ ସମ୍ବନ୍ଧରେ ଜ୍ଞାନର ଅଭାବକୁ ସୂଚାଉଛି । ନିମ୍ନ ଅଦାଲତଗୁଡ଼ିକ ଅପର୍ଯ୍ୟାପ୍ତ ଯୁକ୍ତି ଏବଂ ଆଇନଗତ ପ୍ରମାଣର ଅଭାବରେ ପ୍ରତିକୂଳ ଦଖଲର ନିଷ୍କର୍ଷ ବାହାର କରିଥିଲେ । ତାହା ଏକ ଗୁରୁତ୍ୱପୂର୍ଣ୍ଣ ଆଇନଗତ ପ୍ରଶ୍ନ ସୃଷ୍ଟି କରୁଛି ଯେଉଁଥିପାଇଁ ସେହି ନିଷ୍ପତ୍ତିକୁ ଓଲଟାଇବାକୁ ହେବ ଏବଂ ମୁଁ ତାହା କରୁଛି । ଯଦି ଏପରି ହୁଏ, ତେବେ ଓ.ଏସ୍. ସଂଖ୍ୟା 208/78 ର ତୃତୀୟ ଏବଂ ଚତୁର୍ଥ ପ୍ରତିପକ୍ଷ କେବଳ ସହ-ମାଲିକ ଭାବେ ରହିବେ ଏବଂ ବାଦୀ ସମ୍ପତ୍ତିର ବିଭାଜନ ଏବଂ ନିଜ ଅଂଶର ପୁନରୁଦ୍ଧାର ପାଇଁ ହକଦାର ଅଟନ୍ତି" ।

ତେଣୁ ଉପରୋକ୍ତ ତଥ୍ୟଗୁଡ଼ିକରୁ ଏହା ସ୍ପଷ୍ଟ ଯେ, ଯେପର୍ଯ୍ୟନ୍ତ ଏପରି କୌଣସି ନିର୍ଦ୍ଦିଷ୍ଟ ଯୁକ୍ତି ଏବଂ ପ୍ରମାଣ ନାହିଁ ଯେ ଅପିଲକାରୀ ନିଜର ଅଧିକାରକୁ ଅସ୍ୱୀକାର କରିଛନ୍ତି ଏବଂ ବୈଧାନିକ ସମୟସୀମା ମଧ୍ୟରେ ପ୍ରତିପକ୍ଷଙ୍କ ଜ୍ଞାତସାରରେ ପ୍ରତିକୂଳ ମାଲିକାନା ସ୍ୱତ୍ୱ ଓ ଦଖଲ ସାବ୍ୟସ୍ତ କରିଛନ୍ତି ଏବଂ ପ୍ରତିପକ୍ଷ ସେଥିରେ ସମ୍ମତି ଜଣାଇଛନ୍ତି, ସେପର୍ଯ୍ୟନ୍ତ ସେ ଚିରଭୋଗୀ ଅଧିକାର ଦ୍ୱାରା ନିଜର ସ୍ୱତ୍ୱାଧିକାର ସାବ୍ୟସ୍ତ କରିବାରେ ସଫଳ ହୋଇପାରିବେ ନାହିଁ । ଉଚ୍ଚ ନ୍ୟାୟାଳୟ ଏହି ତଥ୍ୟକୁ ଗ୍ରହଣ କରିଛନ୍ତି ଯେ, ଏହି ସମ୍ବନ୍ଧରେ କୌଣସି ଯୁକ୍ତି କିମ୍ବା ପ୍ରମାଣ ନାହିଁ । ଆମେ ଏହି ନିଷ୍କର୍ଷରେ କୌଣସି ତ୍ରୁଟି ପାଇପାରୁନାହୁଁ । ଏହି ପରିସ୍ଥିତିରେ, ଅପିଲକାରୀ ଚିରଭୋଗୀ ଅଧିକାର ଦ୍ୱାରା ନିଜର ମାଲିକାନା ସ୍ୱତ୍ୱାଧିକାର ପ୍ରତିଷ୍ଠା କରିଛନ୍ତି ବୋଲି ଯେଉଁ ନିଷ୍ପତ୍ତି ନିଆଯାଇଥିଲା, ତାହା ସ୍ପଷ୍ଟ ଭାବେ ବେଆଇନ ଅଟେ । ଏହି ମାମଲାରେ, ଆମେ କେବଳ ପ୍ରତିପକ୍ଷ-ବାଦୀଙ୍କ ଅଂଶ ସମ୍ପର୍କିତ ବିକ୍ରୟର ବୈଧତା ବିଷୟରେ ବିଚାର କରୁଛୁ, ମାଆଙ୍କ ଅଂଶ ବିଷୟରେ ନୁହେଁ ।

ତଦନୁସାରେ, ଏହି ଅପିଲଟିକୁ ଖାରଜ କରାଯାଉଛି ଏବଂ ଉଚ୍ଚ ନ୍ୟାୟାଳୟଙ୍କ ରାୟ ଏବଂ ଡିକ୍ରିକୁ କାଏମ ରଖାଯାଉଛି । କୌଣସି ଖର୍ଚ୍ଚ ଧାର୍ଯ୍ୟ କରାଯାଉନାହିଁ ।

ଜି.ଏନ୍.  ଅପିଲଟିକୁ ଖାରଜ କରାଗଲା ।

**ଅସ୍ବୀକରଣ**

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଏବଂ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ" ।

*ଭାଷାନ୍ତର :*

**ଅମରେଶ୍ୱର ମିଶ୍ର, ଅନୁବାଦକ,**
**ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ ।**